କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-48, Friday 20 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୮ ■ ଶୁକ୍ରବାର ୨୦ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ମାଡ଼ି ଆସୁଛି ବାତ୍ୟା 'ଅକଭାନ୍': ଆସନ୍ତାକାଲି ମଧ୍ୟାହ୍ନରେ ଗୋପାଳପୁର ନିକଟରେ ଲ୍ୟାଣ୍ଡଫଲ୍, ଲକ୍ଷାଧିକ ଲୋକ ସ୍ଥାନାନ୍ତର

ଭୁବନେଶ୍ୱର: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା 'ଅକଭାନ୍' ଘଣ୍ଟାପ୍ରତି ୧୭ କିମି ବେଗରେ ଓଡ଼ିଶା ଓ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି। ଆସନ୍ତାକାଲି ମଧ୍ୟାହ୍ନରେ ଏହା ଆନ୍ଧ୍ରପ୍ରଦେଶର ନର୍ସାପୁର ଓ ପୁରୀ ମଧ୍ୟବର୍ତ୍ତୀ ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି ରହିବା ସହ ୧୧୦ କିମି ପର୍ଯ୍ୟନ୍ତ ଝଟକା ପବନ ବୋହିବାର ଆଶଙ୍କା କରାଯାଉଛି। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ



ସ୍ଥାନାନ୍ତର, ଉଦ୍ଧାରକାରୀ ଦଳଙ୍କ ମୁତୟନ ଓ ଜଳଭଣ୍ଡାର ଖାଲି କରିବା ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି। ଗୋଟିଏ ମାସ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳକୁ ତିନୋଟି ବାତ୍ୟା ହିଟ୍ କରିବା ଏକ ଅତ୍ୟନ୍ତ ବିରଳ ଘଟଣା ବୋଲି ଆଇଏମଡି ଡିଜି ସୂଚନା ଦେଇଛନ୍ତି। ଆଜି ସକାଳେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ (ଏସଆରସି) କାର୍ଯ୍ୟାଳୟରେ ବାତ୍ୟା ପ୍ରସ୍ତୁତିର ସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟ ସଚିବ ଅନୁ ଗର୍ଗ 'ଜିରୋ କାଜୁଆଲିଟି' ବା ଶୂନ୍ୟ ମୃତାହତ ସରକାରଙ୍କ ପ୍ରାଥମିକତା ବୋଲି ସ୍ପଷ୍ଟ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ୬୧୦୯ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇ ପ୍ରାୟ ୧ ଲକ୍ଷ ୫ ହଜାର ୩୦୪ ଜଣ ଲୋକଙ୍କୁ ୧୨୨୪ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ପ୍ରାୟ ୧୦ହଜାର ଗର୍ଭବତୀ ମହିଳା ସାମିଲ ଥିବାବେଳେ ନଭେମ୍ବର ୩୦ ସୁଦ୍ଧା ଆସନ୍ନ ପ୍ରସବା ଥିବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। କେବଳ ଗଞ୍ଜାମ ଜିଲ୍ଲାରୁ ୪୫୩୬୪ ଜଣ ଓ ଗଜପତି ଜିଲ୍ଲାରୁ ୧୮୦୨୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। (ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ସତ୍ୟ ନାଡେଲାଙ୍କ ବଡ଼ ଚେତାବନୀ, କହିଲେ ଏହା ଅର୍ଥନୀତି ଓ ଗଣତନ୍ତ୍ର ପ୍ରତି ବିପଦର ସଙ୍କେତ



ନୂଆଦିଲ୍ଲୀ : ଆଜିକାଲି ସବୁ କ୍ଷେତ୍ରରେ କାମ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି । କୋଡିଂ ଠାରୁ ଆରମ୍ଭ କରି ଅନେକ ଗୁରୁତ୍ୱପୂର୍ଣ୍ଣ କାମ ଏଆଇ ତୁରନ୍ତ କରି ଦେଉଛି । ଅନେକ କମ୍ପାନୀରେ ମଣିଷର ସମ୍ପୂର୍ଣ୍ଣ କାମ ଏଆଇ ଦ୍ୱାରା କରାଯାଉଛି । ଏହି କାରଣରୁ ଏବେ ସାରା ବିଶ୍ୱର କର୍ମଜୀବୀ ଲୋକଙ୍କ ମନରେ ଏହି ଭୟ ସୃଷ୍ଟି ହୋଇଛି ଯେ ଆଗାମୀ ଦିନରେ ସେମାନଙ୍କ ଚାକିରିର ଅବସ୍ଥା କ'ଣ ହେବ । ଗୋଟିଏ ପଟେ ବଡ଼ ବଡ଼ କମ୍ପାନୀ ଏଆଇର ନୂଆ ନୂଆ ମଡେଲ୍ ଆଣୁଥିବା ବେଳେ, ଅନ୍ୟପଟେ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ଏନେଇ ଏକ ବଡ଼ ଚେତାବନୀ ଦେଇଛନ୍ତି । ଚାଲନ୍ତୁ ଜାଣିବା ଏଆଇକୁ ନେଇ ସତ୍ୟ ନାଡେଲା କେଉଁ ବଡ଼ ବିପଦ ବିଷୟରେ ସଙ୍କେତ ଦେଇଛନ୍ତି । ସାନ୍ ଫ୍ରାନ୍ସିସ୍କୋରେ ଆୟୋଜିତ ମାଇକ୍ରୋସଫ୍ଟ ଇଗ୍ନାଇଟ୍ ୨୦୨୬ (**Microsoft Ignite 2026**) ଇଭେଣ୍ଟ ପରେ ଏକ ଆଲୋଚନାରେ ସତ୍ୟ ନାଡେଲା ଏଆଇର ବଢୁଥିବା ପ୍ରଭାବ ଉପରେ ଖୋଲାଖୋଲି ନିଜ ମତ ରଖିଥିଲେ। ସେ କହିଥିଲେ - ଯଦି ଇଓ ବୃହତ ସ୍ତରରେ ମାନବ କର୍ମଚାରୀଙ୍କ ସ୍ଥାନ ନେଇଯାଏ, ତେବେ ଏହାର ପ୍ରଭାବ କେବଳ ଛଟେଇ ଏବଂ ବେକାରୀ ମଧ୍ୟରେ ସୀମିତ ରହିବ ନାହିଁ, ବରଂ ଦେଶଗୁଡ଼ିକର ସମ୍ପୂର୍ଣ୍ଣ ଅର୍ଥନୀତି ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ବିପଦରେ ପଡ଼ିଯିବ। ନାଡେଲାଙ୍କ ମତରେ, ଯେଉଁ ବ୍ୟବସ୍ଥାରେ କେବଳ ପୁଞ୍ଜି ଥିବ ଏବଂ କାମ କରୁଥିବା ମଣିଷ ନଥିବେ, ତାକୁ ଅର୍ଥନୀତି କୁହାଯାଇ ପାରିବ ନାହିଁ। ସେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ସବୁ କାମ କେବଳ ମେସିନ୍ କରିବାକୁ ଲାଗିବେ ଏବଂ ସାଧାରଣ ଲୋକଙ୍କ ହାତରୁ ରୋଜଗାର ଚାଲିଯିବ, ତେବେ କୌଣସି ଗଣତାନ୍ତ୍ରିକ ଦେଶରେ କୌଣସି ନେତା ନିର୍ବାଚନ ମଧ୍ୟ ଜିତି ପାରିବେ ନାହିଁ ।





କୋଶଳ ସମ୍ବାଦ

ଶୁକ୍ରବାର ୨୦ ନଭେମ୍ବର ୨୦୨୬



ଘୋଷଣା ନୁହେଁ, ଯୋଜନାର ସଫଳ ରୂପାୟଣ ହିଁ ବିକାଶର ପରିଚୟ



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ୱଳପୁର ସୁନ୍ଦରଗଡ଼

ରାଜ୍ୟର ବିକାଶ ପାଇଁ ସରକାର ଯେତେବେଳେ ନୂଆ ଯୋଜନା ଘୋଷଣା କରନ୍ତି, ସେତେବେଳେ ଜନସାଧାରଣଙ୍କ ମନରେ ଆଶା ସୃଷ୍ଟି ହୁଏ। ରାସ୍ତା, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ରୋଜଗାର ଭଳି ମୌଳିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅର୍ଥ ବ୍ୟୟ କରାଯାଉଛି। କିନ୍ତୁ ବିକାଶର ପ୍ରକୃତ ମାପକାଠି କେବଳ ବଜେଟ୍‌ର ଆକାର ନୁହେଁ, ଏହାର ସୁଫଳ ସାଧାରଣ ଲୋକଙ୍କ ପାଖରେ କେତେ ଶୀଘ୍ର ଓ ସ୍ୱଚ୍ଛ ଭାବରେ ପହଞ୍ଚୁଛି ତାହା ହିଁ ମୁଖ୍ୟ।

ସମ୍ପ୍ରତି ଓଡ଼ିଶା ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୨୪,୧୫୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଖାଦ୍ୟ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଭିତ୍ତିଭୂମି ବିକାଶ ପାଇଁ ଏଥିରେ ବିଭିନ୍ନ ବ୍ୟବସ୍ଥା ରହିଛି। ଏହି ଅର୍ଥ ଯଦି ଯୋଜନାବଦ୍ଧ ଭାବରେ ଖର୍ଚ୍ଚ ହୁଏ, ତେବେ ରାଜ୍ୟର ଅନେକ ଅବହେଳିତ କ୍ଷେତ୍ରରେ ନୂଆ ଆଶା ଜନ୍ମ ନେଇପାରିବ।

The New Indian କିନ୍ତୁ ଆମ ରାଜ୍ୟରେ ଅନେକ ସମୟରେ ଯୋଜନା ଘୋଷଣା ହେବା ପରେ ତାହାର କାର୍ଯ୍ୟକାରିତା ଧୀର ହୋଇଯାଏ। କେଉଁଠି ଅଧାପନ୍ତରିଆ ରାସ୍ତା, କେଉଁଠି ନିର୍ମାଣ ହୋଇ ମଧ୍ୟ ବ୍ୟବହାର ହେଉନଥିବା କୋଠା, ଆଉ କେଉଁଠି ଯୋଜନାର ସୁଫଳ ପାଇବା ପାଇଁ ଲୋକଙ୍କୁ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁଛି। ଏହି ପରିସ୍ଥିତିରେ ସରକାରୀ ଖର୍ଚ୍ଚର ପ୍ରତ୍ୟେକ ଟଙ୍କାର ହିସାବ ଓ କାର୍ଯ୍ୟର ଗୁଣବତ୍ତା ନିଶ୍ଚିତ କରିବା ଅତ୍ୟନ୍ତ ଆବଶ୍ୟକ।

ବିକାଶ କେବଳ ରାଜଧାନୀ କିମ୍ବା ବଡ଼ ସହରରେ ସୀମିତ ରହିଲେ ଚାଲିବ ନାହିଁ। ଦୂରଦୂରାନ୍ତର ଗାଁ, ଆଦିବାସୀ ଅଞ୍ଚଳ, ପଶ୍ଚିମ ଓଡ଼ିଶା ଓ ଉପକୂଳ ଅଞ୍ଚଳର ସମସ୍ୟାକୁ ସମାନ ଗୁରୁତ୍ୱ ଦେବାକୁ ପଡ଼ିବ। ଗରିବ ପରିବାରର ପିଲା ଉଚ୍ଚଶିକ୍ଷା ପାଇପାରିବ, ଚାଷୀ ନିଜ ଉତ୍ପାଦର ଉଚିତ୍ ମୂଲ୍ୟ ପାଇବ, ରୋଗୀ ସମୟରେ ଚିକିତ୍ସା ପାଇବ ଓ ଯୁବକଯୁବତୀଙ୍କୁ ରୋଜଗାରର ସୁଯୋଗ ମିଳିବ—ଏହା ହିଁ ହେଉଛି ବିକାଶର ମୂଳ ଲକ୍ଷ୍ୟ।

ସରକାର, ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦାୟିତ୍ୱ ହେଉଛି ଘୋଷଣାକୁ ଜମିରେ କାର୍ଯ୍ୟରୂପ ଦେବା। ଜନସାଧାରଣଙ୍କ ମଧ୍ୟ ଯୋଜନାର ସୁଫଳ ଓ କାର୍ଯ୍ୟର ଗୁଣବତ୍ତା ଉପରେ ନଜର ରଖିବା ଆବଶ୍ୟକ। ସ୍ୱଚ୍ଛତା, ଜବାବଦେହିତା ଓ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ ହେଲେ ହିଁ ଅର୍ଥର ସଠିକ୍ ବ୍ୟବହାର ହେବ। ଯୋଜନାର ଘୋଷଣା ଲୋକଙ୍କୁ ଆଶା ଦିଏ, କିନ୍ତୁ ତାହାର ସଫଳ ରୂପାୟଣ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣେ। ତେଣୁ ଆଜିର ଆବଶ୍ୟକତା ହେଉଛି ଘୋଷଣାରୁ କାର୍ଯ୍ୟକୁ, କାଗଜରୁ ମାଟିକୁ ଓ ଯୋଜନାରୁ ଜନସାଧାରଣଙ୍କ ସୁଫଳକୁ ଯିବା।

ଢେଙ୍କାନାଳରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ଅନୁଷ୍ଠିତ

‘ନଶାମୁକ୍ତ ଯୁବା ଫର୍ ବିକଶିତ ଭାରତ’ ବିଷୟରେ ଯୁବପିଢ଼ିଙ୍କ ମତ ଉପସ୍ଥାପନ, ୩୦ରୁ ଅଧିକ ପ୍ରତିଯୋଗୀଙ୍କ ଅଂଶଗ୍ରହଣ



ଢେଙ୍କାନାଳ, ୧୯ ନଭେମ୍ବର: ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବ ଭାରତ (ମାଇ ଭାରତ), ଢେଙ୍କାନାଳ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ‘ବିକଶିତ ଭାରତ ଯୁବ ସଂସଦ ୨୦୨୬’ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ‘ନଶାମୁକ୍ତ ଯୁବା ଫର୍ ବିକଶିତ ଭାରତ’ ବିଷୟବସ୍ତୁ ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୦ରୁ ଅଧିକ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଶାମୁକ୍ତ ସମାଜ ଗଠନ ଓ ବିକଶିତ ଭାରତ ନିର୍ମାଣରେ ଯୁବଶକ୍ତିର ଭୂମିକା ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ ଏବଂ ୨୦୦ ରୁ ଅଧିକ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ। ଏହି ଅବସରରେ ମାଇ ଭାରତର ରାଜ୍ୟ ନିର୍ଦ୍ଦେଶକ ଶ୍ରୀ ଶକ୍ତି ସ୍ୱରୂପ ସିଂହ, ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ଶକୁନ୍ତଳା ଜେନା, ଡ. ପୁଷ୍ପଲତା ରଥ, ଡ. ସୁଧାଂଶୁ ଦାଶ, ଡ. ସରୋଜ ସାହୁ, ଶ୍ରୀ ପ୍ରଦ୍ୟୁମ୍ନ ରଥ ଏବଂ ମାଇ ଭାରତର ଅବସରପ୍ରାପ୍ତ ରାଜ୍ୟ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଯୁବ ସଂସଦରେ ପ୍ରତିଯୋଗୀମାନେ ନିଶା ସେବନର କୁପ୍ରଭାବ, ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ନିଶାସକ୍ତିର ସାମାଜିକ ପ୍ରଭାବ, ନିଶା ନିବାରଣରେ ପରିବାର ଓ ଶିକ୍ଷାନୁଷ୍ଠାନର ଭୂମିକା ତଥା ସଚେତନ ଯୁବସମାଜ ଗଠନ ଭଳି ବିଭିନ୍ନ ପ୍ରସଙ୍ଗରେ ନିଜର ଯୁକ୍ତିପୂର୍ଣ୍ଣ ଅଭିମତ ରଖିଥିଲେ। ଏକ ସୁସ୍ଥ, ସଶକ୍ତ ଓ ନିଶାମୁକ୍ତ ଯୁବପିଢ଼ି ହିଁ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ମୂଳଦୁଆ ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତିଯୋଗିତା ଶେଷରେ ବିଚାରକମଣ୍ଡଳୀଙ୍କ ମୂଲ୍ୟାୟନ ଆଧାରରେ ରୁନିତା ମିଶ୍ର ପ୍ରଥମ, ସୌମ୍ୟାରାଣୀ ବେହେରା ଦ୍ୱିତୀୟ ଏବଂ ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶ୍ରୀ ସତ୍ୟନାରାୟଣ କର କରିଥିଲେ। ଏହାର ସଫଳ ଆୟୋଜନରେ ମାଇ ଭାରତର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ଭୂମିକା ରହିଥିଲା। କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ସାମଗ୍ରିକ ସମନ୍ୱୟରେ ମାଇ ଭାରତର ଆକାଉଣ୍ଟ ଅଫିସର ଶ୍ରୀ ସୁଭେନ୍ଦ୍ର ନାଥ ସାହୁ, ବିପ୍ରବର ବେହେରା, ସୌମ୍ୟା ମିଶ୍ର ଓ ସ୍ମୃତିରଞ୍ଜନ ସାହୁ ସହଯୋଗ କରିଥିଲେ। ସେହିପରି ଶକ୍ତି ସ୍ୱରୂପ ବେହେରା, ଜଗନ ବେଜ୍ଜା, ପ୍ରିୟଦର୍ଶିନୀ ବିନାୟକ ଓ ମିରାବାଇ ଦାସ କାର୍ଯ୍ୟକ୍ରମର ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ମାଇ ଭାରତର ସ୍ୱେଚ୍ଛାସେବୀ ଅମ୍ୟରାଜ୍ ନାଏକ, ଆଶିଷ କୁମାର ନନ୍ଦ, ଶିବ ମହାରଣା ଓ ଜ୍ଞାନରଞ୍ଜନ ନାଥ ପ୍ରମୁଖ ଯୁବ ପ୍ରତିଯୋଗୀମାନଙ୍କୁ ସହଯୋଗ କରିଥିବା ବେଳେ ପୂର୍ଣ୍ଣିମା ରାଉତ, ସ୍ୱର୍ଣ୍ଣପ୍ରଭା, ସୁଶାନ୍ତ ଓ ରାଜେଶ ସାହୁ ମଧ୍ୟ କାର୍ଯ୍ୟକ୍ରମର ସୁପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ମିଳିତ ପ୍ରୟାସରେ ଏହି ଜିଲ୍ଲାସ୍ତରୀୟ ଆୟୋଜନ ସଫଳ ହୋଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧର ବିକାଶ ସହିତ ନିଶାମୁକ୍ତ ଭାରତ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା ଏହି ଯୁବ ସଂସଦର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

‘ଦୁଲଦୁଲି ୨୦୨୭’ ପାଇଁ ଝାରସୁଗୁଡା ଜିଲ୍ଲା ମହୋତ୍ସବ ସମିତିର ପ୍ରଥମ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୧୯ /୧୧: ଆଗାମୀ ‘ଦୁଲଦୁଲି ୨୦୨୭’ ମହୋତ୍ସବକୁ ସୁଚାରୁରୂପେ ଓ ଭବ୍ୟ ଭାବେ ଆୟୋଜନ କରିବା ନିମନ୍ତେ ଆଜି ସ୍ଥାନୀୟ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅଡିଟୋରିୟମଠାରେ ଝାରସୁଗୁଡା ଜିଲ୍ଲା ମହୋତ୍ସବ ସମିତିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଦୁଲଦୁଲି ସୋସାଇଟି ପଞ୍ଜିକରଣ ସଦସ୍ୟବୃନ୍ଦ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମହୋତ୍ସବର ପ୍ରାଥମିକ ରୂପରେଖ, ଏବଂ ପରିଚାଳନାଗତ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକର ପ୍ରାରମ୍ଭରେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ ସମସ୍ତ ଅତିଥି ଓ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଦୁଲଦୁଲି କାର୍ଯ୍ୟକ୍ରମର ସମସ୍ତ ତଥ୍ୟ, ବିଭିନ୍ନ କମିଟିର କାର୍ଯ୍ୟ ଉପସ୍ଥାପନ କରିବା ସହ ସଭକ୍ଷକୁ ପରିଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଚହ୍ୱାଣ ‘ଦୁଲଦୁଲି ୨୦୨୭’କୁ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ମଂଚ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଲଳିତ ସୋରେଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦିଲ୍ଲୀପ କୁମାର ପ୍ରଧାନ ଏବଂ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନୱୀନ ଅଗ୍ରୱାଲ ଏବଂ ସାଂସଦଙ୍କ ପ୍ରତିନିଧି ଶ୍ଲୋକ ସର୍ଙ୍ଗୀ, ବିଧାୟକଙ୍କ ପ୍ରତିନିଧି ବଳ ବିନ୍ଦର ସିଂ, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ସୁଡୁଙ୍ଗ ପଧାନ, ଝାରସୁଗୁଡା ବ୍ଲକ କଳା ସଂସ୍କୃତି ସଙ୍ଘର ଉପ ସଭାପତି ଗଜରାଜ ପ୍ରଧାନ, ରକ୍ତଦାତା ସଂଘର ସଭ୍ୟ ରାଜେଶ ପାଢ଼ୀ ପ୍ରେସ ରିପୋର୍ଟର ରିତେଶ ଶର୍ମା ସମେତ ଦୁଲଦୁଲି ସୋସାଇଟି ପଞ୍ଜିକରଣ କମିଟିର ସମସ୍ତ ସଦସ୍ୟ, ପୋଲିସ ଅଧିକାରୀ ବୃନ୍ଦ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ବୈଠକ ଶେଷରେ ବଳିୟାରସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଉଜ୍ୱଳପୁରରେ ଆଜିଠାରୁ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଆରମ୍ଭ, ଧନୁଯାତ୍ରାରେ ଗର୍ଜିବ ମହାରାଜ କଂସଙ୍କ ରାଜୁତି !

ସୁନ୍ଦରଗଡ଼: ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଉଜ୍ୱଳପୁର ଗ୍ରାମରେ ଆଜିଠାରୁ ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା। ଏହି ଅବସରରେ ଆରମ୍ଭ ହୋଇଛି ବାବା କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା। ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗ୍ରାମରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଏହି ଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ଧନୁଯାତ୍ରା। ଆଜିଠାରୁ ଧନୁଯାତ୍ରା ଆରମ୍ଭ ହେବା ସହ ମହାରାଜ କଂସଙ୍କ ରାଜୁତି ଆରମ୍ଭ ହୋଇଛି। ଧନୁଯାତ୍ରା ମାଧ୍ୟମରେ ପୌରାଣିକ କଥାବସ୍ତୁ ଓ ଶ୍ରୀକୃଷ୍ଣଙ୍କ ଲୀଳାକୁ ନାଟକୀୟ ଢଙ୍ଗରେ ପରିବେଷଣ କରାଯିବ। ଏହି ମହୋତ୍ସବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ଏହି ପବିତ୍ର ଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁନ୍ଦର ଭାବରେ ସଫଳ କରିବା ପାଇଁ ଆୟୋଜକ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଆସନ୍ତୁ, ଜାତି, ଧର୍ମ ଓ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଉଜ୍ୱଳପୁରର ଏହି ପାରମ୍ପରିକ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାକୁ ସଫଳ କରିବା।



ବାତ୍ୟା ମୁକାବିଲା ପାଇଁ କୃଷି ବିଭାଗର ପ୍ରସ୍ତୁତି, ଫସଲ ସ୍ଥିତି ପରଖିଲେ ସିଡିଏଓ

ଝାରସୁଗୁଡା, ୧୯/୧୧: ଆଗାମୀ ସମ୍ଭାବ୍ୟ ବାତ୍ୟା ‘ଆକଭାନ୍’କୁ ଦୃଷ୍ଟିରେ ରଖି ଚାଷ ଜମିର ବାସ୍ତବ ସ୍ଥିତି ଓ ସମ୍ଭାବ୍ୟ ଫସଲ କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ଜି. ଜୈନ ଆଜି ଲଖନପୁର ବ୍ଲକର ବିଭିନ୍ନ ଅଂଚଳ ଗସ୍ତ କରି ଫସଲ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଅମିତ କୁମାର ପଟେଲ, ସହକାରୀ ବୈଷୟିକ ପରିଚାଳକ ପ୍ରଶାନ୍ତ କୁମାର ସିଂହ ଓ କୃଷି ଅଧିଦର୍ଶକ ଭାସ୍କର ପ୍ରଧାନଙ୍କ ସହ ସେ ବାଦିମାଲ ଗ୍ରାମ ପଂଚାୟତର ବଡ଼ଧରା ଗ୍ରାମରେ ପହଂଚି ଧାନ ଫସଲର ବର୍ତମାନର ସ୍ଥିତି ଯାଂଚ୍ କରିଥିଲେ। ସମ୍ଭାବ୍ୟ ବାତ୍ୟାର ପ୍ରଭାବରୁ ଫସଲକୁ ସୁରକ୍ଷା ଦେବା ନିମନ୍ତେ ଅମଳକ୍ଷମ ଧାନ ଫସଲକୁ ଆଗୁଆ ଅମଳ କରି ସୁରକ୍ଷିତ ସ୍ଥାନକୁ ନେବା ସହ ଚାଷ ଜମିରୁ ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ବାତ୍ୟାଜନିତ ସମ୍ଭାବ୍ୟ ଫସଲ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ବିଭିନ୍ନ କୃଷିଭିତ୍ତିକ ବୈଷୟିକ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ। ପରବର୍ତୀ ସମୟରେ ସିଡିଏଓ ଶ୍ରୀ ଜୈନ କତରବଗା ପଂଚାୟତ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କୃଷକ ପଞ୍ଜୀକରଣ ଶିବିରରେ ଯୋଗଦେଇ ପଞ୍ଜୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। କୌଣସି ଯୋଗ୍ୟ ଚାଷୀ ଯେପରି ସରକାରୀ ଯୋଜନାର ସୁବିଧାରୁ ବଂଚିତ ନ ହୁଅନ୍ତି ଏବଂ ପଞ୍ଜୀକରଣ ପ୍ରକ୍ରିୟା ସୁଗମ ଓ ସଫଳତାର ସହ ସମ୍ପନ୍ନ ହୁଏ, ସେଥିପ୍ରତି ଯତ୍ନବାନ ହେବାକୁ ସେ ସମ୍ପୃକ୍ତ କୃଷି କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସ୍କ୍ରାପ୍ ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଜରିମାନା

ଝାରସୁଗୁଡ଼ା, ୧୯/୧୧: ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଂଚଳରେ ଘଟିଥିବା ସ୍କ୍ରାପ୍ ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଲଖନପୁର ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍)-କମ୍-ଜେଏମ୍ଏଫ୍ସି ଅଦାଲତ। ଦୋଷୀ ମକବୁଲ୍ ହୁସେନ୍ (୩୬)ଙ୍କୁ ୮ ହଜାର ଟଙ୍କା ଏବଂ ଦେବେନ୍ଦ୍ର ଜାଙ୍ଗଡ଼େ (୨୫)ଙ୍କୁ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଉଭୟଙ୍କୁ ଅତିରିକ୍ତ ସରଳ କାରାଦଣ୍ଡ ଭୋଗିବାକୁ ପଡ଼ିବ।ପୁଲିସ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ କନକତୋରା ବିଟ୍ ହାଉସ୍ର ଏଏସ୍ଆଇ ନେପାଳ ପଟ୍ଟା ପୁଲିସ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବା ସମୟରେ ଏକ ଟାଟା ପିକ୍ଅପ୍ ଗାଡ଼ିରେ ଚୋରି ସ୍କ୍ରାପ୍ ସାମଗ୍ରୀ ପରିବହନ ହେଉଥିବା ଖବର ପାଇଥିଲେ। ଏହାପରେ ବାଦିମାଲ ଛକରେ ସିଜି-୧୩-ବିଏଚ୍-୩୩୬୮ ନମ୍ବର ବିଶିଷ୍ଟ ଗାଡ଼ିକୁ ଅଟକାଇ ଯାଂଚ୍ କରିଥିଲେ। ଯାଂଚ୍ ସମୟରେ ଗାଡ଼ିରୁ ପ୍ରାୟ ୧୦୨୦ କିଲୋଗ୍ରାମ ଲୁହା ଓ ସ୍କ୍ରାପ୍ ସାମଗ୍ରୀ ଜବତ କରାଯାଇଥିଲା। ପୁଲିସ ତଦନ୍ତରୁ ଜଣାପଡ଼ିଥିଲା ଯେ, ମକବୁଲ୍ ବିଭିନ୍ନ ନିର୍ମାଣସ୍ଥଳୀ, ମିଲ୍ ଓ ଯନ୍ତ୍ରପାତି ଥିବା ସ୍ଥାନରୁ ସ୍କ୍ରାପ୍ ସାମଗ୍ରୀ ସଂଗ୍ରହ କରିଥିଲେ। ଅନ୍ୟପକ୍ଷରେ ଦେବେନ୍ଦ୍ର ଏହା ଚୋରି ସାମଗ୍ରୀ ବୋଲି ଜାଣି ମଧ୍ୟ ତାହା ଗ୍ରହଣ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏନେଇ ରେଙ୍ଗାଲି ଥାନାରେ ମାମଲା ରୁଜୁ ହୋଇଥିଲା। ଥାନା ଅଧିକାରୀ ସମରେନ୍ଦ୍ର ନାୟକ ମାମଲାର ତଦନ୍ତ ଭାର ଗ୍ରହଣ କରି ଘଟଣାସ୍ଥଳର ନକ୍ସା ପ୍ରସ୍ତୁତ କରିବା ସହ ଚୋରି ସାମଗ୍ରୀ ଓ ଗାଡ଼ି ଜବତ କରିଥିଲେ। ଏଥିସହ ସାକ୍ଷୀମାନଙ୍କ ବୟାନ ରେକର୍ଡ କରି ଅଗଷ୍ଟ ୩୦ ତାରିଖରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ବିଚାର ପ୍ରକ୍ରିୟା ସମୟରେ ୧୦ ଜଣ ସାକ୍ଷୀଙ୍କ ବୟାନ ସହ ବିଭିନ୍ନ ଦସ୍ତାବିଜ୍ ଅଦାଲତରେ ଉପସ୍ଥାପନ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ବିଚାରକୁ ନେଇ ଅଦାଲତ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

ଯାତ୍ରୀଙ୍କ ପାଇଁ ନିର୍ମିତ ଅସ୍ଥାୟୀ ପ୍ରତୀକ୍ଷାଳୟରେ ଗୋରୁଙ୍କ ଆଡ୍ଡା, ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଝାରସୁଗୁଡ଼ା, ୧୯ /୧୧: ଝାରସୁଗୁଡ଼ା ରେଳ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି।

କୋଶଳ ସମାଜ

ଶୁକ୍ରବାର ୨୦ ନଭେମ୍ବର ୨୦୨୬



ଝାରସୁଗୁଡ଼ା ବିମାନବନ୍ଦରର ନୂତନ ନିର୍ଦ୍ଦେଶକ କିଶୋର କିଲ୍ଲାମପଲ୍ଲୀଙ୍କ ଦାୟିତ୍ୱ ଗ୍ରହଣ

ଝାରସୁଗୁଡ଼ା, ୧୯/୧୧: ଝାରସୁଗୁଡ଼ା ବିମାନବନ୍ଦରର ନୂତନ ନିର୍ଦ୍ଦେଶକ ଭାବେ କିଶୋର କିଲ୍ଲାମପଲ୍ଲୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କର୍ଣ୍ଣାଟକର କଳାବୁରାଗୀ ବିମାନବନ୍ଦରର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ୧୬ ନଭେମ୍ବରରେ ସେ ଝାରସୁଗୁଡ଼ାରେ ଯୋଗଦେବା ସହ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି।୨୦୦୩ ଜୁନ୍ ରେ ସେ ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ)ରେ ଯୋଗଦେଇଥିଲେ। ଏହି ଅବଧିରେ ସେ ଦିଲ୍ଲୀ, ଚେନ୍ନାଇ, ବିଶାଖାପାଟଣା, ଭୁବନେଶ୍ୱର, କୋଲକାତା ଓ ଗୋଆ ଭଳି ବିଭିନ୍ନ ବିମାନବନ୍ଦରରେ ମାନବ ସମ୍ବଳ, ଅର୍ଥ, ପରିଚାଳନା, କାର୍ଗୋ, ବାଣିଜ୍ୟିକ, ଇଞ୍ଜିନିୟରିଂ ଓ ପ୍ରକଳ୍ପ ବିଭାଗରେ ବିଭିନ୍ନ ଦାୟିତ୍ୱ ତୁଲାଇଛନ୍ତି। ଏହାବ୍ୟତୀତ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ସେ କୋଲକାତାସ୍ଥିତ ଏ.ଏ.ଆଇ.ର ପୂର୍ବାଂଚଳ ଆଂଚଳିକ ମୁଖ୍ୟାଳୟରେ ଭିଜିଲାନ୍ସ ଅଫିସର ଭାବେ କାର୍ଯ୍ୟ କରିଥିଲେ।ମୂଳତଃ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର ବାସିନ୍ଦା ଶ୍ରୀ କିଲ୍ଲାମପଲ୍ଲୀଙ୍କ ଦୀର୍ଘଦିନର ପ୍ରଶାସନିକ ଓ ବିମାନବନ୍ଦର ପରିଚାଳନା ଅଭିଜ୍ଞତା ଝାରସୁଗୁଡ଼ା ବିମାନବନ୍ଦରର କାର୍ଯ୍ୟକ୍ଷମତା ଓ ପରିଚାଳନାରେ ସହାୟକ ହେବ ବୋଲି ଆଶା କରାଯାଉଛି।

କିଲ୍ଲାମପଲ୍ଲୀଙ୍କର ଶିକ୍ଷାଗତ ଯୋଗ୍ୟତା ହେଉଛି ଏମବିଏ (ଫାଇନାନ୍ସ) ଏବଂ ପିଜିଡିପିଏମ୍ ଆଣ୍ଡ ଆଇଆର। ବିମାନବନ୍ଦର ପ୍ରାଧିକରଣ (ଏଏଆଇ)ରେ ଯୋଗଦେବା ପୂର୍ବରୁ ସେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏବଂ ବୟନଶିଳ୍ପ ମନ୍ତ୍ରଣାଳୟରେ ସିଏସଏସ କ୍ୟାଡରରେ କାର୍ଯ୍ୟ କରିଥିଲେ। ଏହାସହ ଚେନ୍ନାଇସ୍ଥିତ ଜିଓଗ୍ରାଫିକାଲ୍ ଇଣ୍ଡିକେସନ୍ସ ଓ ଟ୍ରେଡ୍ ମାର୍କସ୍ ରେଜିଷ୍ଟ୍ରିରେ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ସେ ମୁମ୍ବାଇରେ ଏସଆଇଡିବିଆଇରେ ଗ୍ରେଡ୍-ଏ ଅଫିସର ଭାବେ ବ୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଅଭିଜ୍ଞତା ହାସଲ କରିଥିଲେ।

ନାବାଳିକା ସାବତ ଝିଅକୁ ଦୁଷ୍କର୍ମ, ସାବତ ବାପାକୁ ଆଜୀବନ ଜେଲ୍

ଝାରସୁଗୁଡ଼ା, ୧୯/୧୧: ନାବାଳିକା ସାବତ ଝିଅକୁ ଦୁଷ୍କର୍ମ ମାମଲାରେ ସାବତ ବାପାକୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ଝାରସୁଗୁଡ଼ା ପୋକ୍ସୋ କୋର୍ଟ। ଗୁରୁବାର ଅପରାହ୍ନ ୨ଟାରେ ବିଚାରପତି ପୂଜା ଷଡ଼ଙ୍ଗୀ ଏହି ରାୟ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ପୁରୁଣା ବସ୍ତି ଅଂଚଳରେ ଅଭିଯୁକ୍ତ ସୁନୀଲ କୁମାର ନାଏକ ନିଜ ଦ୍ୱିତୀୟ ପତ୍ନୀ ଓ ତାଙ୍କ ୧୨ ବର୍ଷୀୟା ଝିଅ ସହ ଏକ ଭଡ଼ା ଘରେ ରହୁଥିଲେ। ଗତ ଅଗଷ୍ଟ ୧୪ ତାରିଖରେ ପୀଡ଼ିତାଙ୍କ ମାଆ କାମ କରିବାକୁ ବାହାରକୁ ଯାଇଥିବା ସମୟରେ ଅଭିଯୁକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହାପୂର୍ବରୁ ମଧ୍ୟ ଅଭିଯୁକ୍ତ ଦୁଇଥର ଏଭଳି ଉଦ୍ୟମ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଥିଲା। ପରେ ଅଗଷ୍ଟ ୧୯ ତାରିଖରେ ନାବାଳିକା ଜଣକ ସାଙ୍ଗ ଘରୁ ଫେରିବା ପରେ ଅଭିଯୁକ୍ତ ତାଙ୍କୁ ମାଡ଼ ମାରିଥିଲା। ଏ ସମ୍ପର୍କରେ ପୀଡ଼ିତାଙ୍କ ମାଆ ଓ ପଡ଼ୋଶୀଙ୍କ ସହାୟତାରେ ଅଗଷ୍ଟ ୨୦ ତାରିଖରେ ଝାରସୁଗୁଡ଼ା ଟାଉନ ଥାନାରେ ଏତଲା ଦିଆଯାଇଥିଲା।

ଭିତର ପୃଷ୍ଠାର ଅବଶିଷ୍ଟାଂଶ

ମାଡ଼ି ଆସୁଛି ବାତ୍ୟା 'ଅକଭାନ୍': ଆସନ୍ତାକାଲି ମଧ୍ୟାହ୍ନରେ ଗୋପାଳପୁର...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ) ରାଜ୍ୟରେ ମୋଟ ୯୨୯୯ଟି ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଥିବାବେଳେ ସେଠାରେ ଲୋକ ଓ ଶିଶୁମାନଙ୍କ ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟ, ପିଇବା ପାଣି, ଜରୁରୀ ଔଷଧ ଏବଂ ସାନିଟାରୀ ନାପକିନର ବ୍ୟବସ୍ଥା କରାଯାଇ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ନିୟୋଜିତ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଅନୁଯାୟୀ, ଆଜି ଓ ଆସନ୍ତାକାଲି ଗଜପତି,ଗଞ୍ଜାମ, ପୁରୀ, କନ୍ଧମାଳ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ୨୧ ତାରିଖରେ ମୟୂରଭଞ୍ଜ ଓ ବାଲେଶ୍ୱର ରେଡ୍ ଜୋନରେ ରହିବ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କନ୍ଧମାଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରକୁ ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ ଦିନ ବନ୍ଦ ରଖାଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ୧୯ ଓ ୨୦ ତାରିଖ ଦୁଇ ଦିନ ସ୍କୁଲ ବନ୍ଦ ଘୋଷଣା କରାଯାଇଛି। ଏଥିସହ ରାଜ୍ୟ ଚୟନ ବୋର୍ଡ (ଏସଏସବି) ପକ୍ଷରୁ ନଭେମ୍ବର ୨୧ ଓ ୨୩ ତାରିଖରେ ହେବାକୁ ଥିବା ଜୁନିଅର ଆସିଷ୍ଟା ଓ ଜୁନିଅର କ୍ଲର୍କ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଗ୍ରାଉଣ୍ଡ ଜିରୋରେ ୬୦ଟି ଓଡ୍ରାଫ୍ ଟିମ୍, ୧୪ଟି ଏନଡିଆରଏଫ୍ ଟିମ୍ ଓ ୨୨୧ଟି ଅଗ୍ନିଶମ ବିଭାଗ ଟିମ୍ ମୁତୟନ ହୋଇଛନ୍ତି। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ ଭୂସ୍ଖଳନ ଓ ବାତ୍ୟା ପରବର୍ତ୍ତୀ ପ୍ରଥମ ୧୫ରୁ ୩୦ ମିନିଟ୍ ମଧ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ମୋଟ ୩୮୮ଟି ଟିମ୍ ପ୍ରସ୍ତୁତ ରହିଛନ୍ତି। ୧୮୧ଟି ରବର ବୋଟ୍, ୨୩୩ଟି ଆସ୍କା ଲାଇଟ୍?, ୧୦୨ଟି ଡିୱାଟରିଂ ପମ୍ପ ଏବଂ ୬୪୦ଟି ପାୱାର ଚେନସ ମହଜୁଦ ରଖାଯାଇଛି। ସେହିପରି ଗଛ ପଡ଼ି ରାସ୍ତା ଅବରୋଧ ହଟାଇବା ପାଇଁ ଓଏଫଡିସି ପକ୍ଷରୁ ୧୦୦ଟି ଟିମ୍ ଓ ନେଟୱାର୍କ ସମସ୍ୟା ଦୂର କରିବାକୁ ଟେଲିକମ୍ ବିଭାଗ ତରଫରୁ ଅତିରିକ୍ତ ସାଟେଲାଇଟ୍ ଫୋନ୍ ଓ 'ସେଲ୍ ଅନ୍ ହୁଇଲ୍' ବ୍ୟବସ୍ଥା କରାଯାଇଛି।

ଯାତ୍ରୀଙ୍କ ପାଇଁ ନିର୍ମିତ ଅସ୍ଥାୟୀ ପ୍ରତୀକ୍ଷାଳୟରେ ଗୋରୁଙ୍କ ...

(ପୃଷ୍ଠା-୨ର ଅବଶିଷ୍ଟାଂଶ)ସୂଚନାଯୋଗ୍ୟ ଯେ, ଝାରସୁଗୁଡ଼ା ରେଳ ଷ୍ଟେସନ ଏକ ପ୍ରମୁଖ ରେଳ ଜଙ୍କସନ ହୋଇଥିବାରୁ ଏଠାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସଂଖ୍ୟକ ଯାତ୍ରୀ ଯାତାୟାତ କରିଥାନ୍ତି। ବିଭିନ୍ନ ଦୂରଗାମୀ ଟ୍ରେନ୍ ଧରିବା ପାଇଁ ଅନେକ ଯାତ୍ରୀ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଷ୍ଟେସନରେ ପହଂଚିଥାନ୍ତି। ସେହିପରି ଟ୍ରେନ୍ ବିଳମ୍ବ ହେଲେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥାଏ। ଏଭଳି ସମୟରେ ଯାତ୍ରୀମାନେ ବିଶ୍ରାମ ନେବା ଓ ବସି ରହିବା ପାଇଁ ପ୍ରତୀକ୍ଷାଳୟ ଉପରେ ନିର୍ଭର କରିଥାନ୍ତି। କିନ୍ତୁ, ବର୍ତମାନ ଅସ୍ଥାୟୀ ପ୍ରତୀକ୍ଷାଳୟର ଏଭଳି ଦୁରାବସ୍ଥା ଯୋଗୁଁ ବିଶେଷ କରି ମହିଳା, ବୟସ୍କ ବ୍ୟକ୍ତି, ଶିଶୁ ଓ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରିଷ୍କାର ପରିବେଶ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଓ ସଂକ୍ରମଣର ଆଶଙ୍କା ମଧ୍ୟ ରହିଛି। ଯାତ୍ରୀଙ୍କ ସୁବିଧା ପାଇଁ ହୋଇଥିବା ବ୍ୟବସ୍ଥା ଯଦି ଯାତ୍ରୀଙ୍କ କାମରେ ନ ଆସେ, ତେବେ ଏହାର ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେଣୁ ରେଳବାଇ କର୍ତୃପକ୍ଷ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଅସ୍ଥାୟୀ ପ୍ରତୀକ୍ଷାଳୟର ଚାରିପାଖରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିବା, ଗାଈଗୋରୁଙ୍କ ପ୍ରବେଶ ରୋକିବା, ନିୟମିତ ସଫେଇ କରିବା ଏବଂ ଆବଶ୍ୟକ ସ୍ଥଳେ ସୁରକ୍ଷା କର୍ମଚାରୀ ନିୟୋଜିତ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଷ୍ଟେସନର ଆଧୁନିକୀକରଣ ସହ ଯାତ୍ରୀଙ୍କ ମୌଳିକ ସୁବିଧା ଓ ସ୍ୱଚ୍ଛତା ପ୍ରତି ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

ଜଳ ସଂରକ୍ଷଣ କ୍ଷେତ୍ରରେ ଅନନ୍ୟ ଅବଦାନ: 'ଜଳ ସେବକ ସମ୍ମାନ–୨୦୨୬'ରେ ସମ୍ମାନିତ ହେଲା ସେବକ

କୋଲକାତାର ତାଜ୍ ବେଙ୍ଗଲରେ ଇଲେକ୍ଟ୍ରୋଷ୍ଟିଲ ପକ୍ଷରୁ ମର୍ଯ୍ୟାଦାଜନକ ସମ୍ମାନ; ଟ୍ରଫି ସହ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ

୩୧ ବର୍ଷର ନିରବଚ୍ଛିନ୍ନ ସେବା, ଜଳ ସଂରକ୍ଷଣ ଓ ଗ୍ରାମୀଣ ଜୀବିକା ବିକାଶରେ ଉଲ୍ଲେଖନୀୟ ସଫଳତାକୁ ଜାତୀୟ ସ୍ତରରେ ସ୍ୱୀକୃତି



ଜଳ ହିଁ ଜୀବନ, ଆଉ ଜଳର ସୁରକ୍ଷା ହିଁ ଭବିଷ୍ୟତର ସୁରକ୍ଷା। ଏହି ମହତ୍ ଲକ୍ଷ୍ୟକୁ ପାଥେୟ କରି ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜଳ ସଂରକ୍ଷଣ, ପ୍ରାକୃତିକ ସମ୍ପଦ ପରିଚାଳନା ଓ ଗ୍ରାମୀଣ ଜୀବିକା ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଥିବା ସୁନ୍ଦରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ' ଆଉ ଏକ ଗୌରବମୟ ସଫଳତା ହାସଲ କରିଛି। ଜଳ ସଂରକ୍ଷଣ, ଜଳ ଉତ୍ସର ପୁନରୁଦ୍ଧାର ଏବଂ ଭୂତଳ ଜଳ ପରିଚାଳନା କ୍ଷେତ୍ରରେ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ପାଇଁ ଏହାକୁ ସମ୍ମାନଜନକ 'ଜଳ ସେବକ ସମ୍ମାନ–୨୦୨୬' ପ୍ରଦାନ କରାଯାଇଛି। କୋଲକାତାର ପ୍ରସିଦ୍ଧ ହୋଟେଲ ତାଜ୍ ବେଙ୍ଗଲଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଇଲେକ୍ଟ୍ରୋଷ୍ଟିଲ ପକ୍ଷରୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ଏକ ଆକର୍ଷଣୀୟ ଟ୍ରଫି ସହିତ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କୋଲକାତାର ହୋଟେଲ ତାଜ୍ ବେଙ୍ଗଲଠାରେ ଇଲେକ୍ଟ୍ରୋଷ୍ଟିଲ ଓ ଭାରତ ଚ୍ୟାପ୍ଟର ଅଫ୍ କମର୍ସ ପକ୍ଷରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ସେବକକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ବ୍ରହ୍ମ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ଦିଗାମ୍ବର ଉପାଧ୍ୟାୟ ଏହି ସମ୍ମାନ ଗ୍ରହଣ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଆବେଦନ ମଧ୍ୟରୁ ଶ୍ରେଷ୍ଠ ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ଚୟନ କରାଯାଇଥିବାବେଳେ ସେବକକୁ ସ୍ୱତନ୍ତ୍ର ଜଳ ସେବକ ସମ୍ମାନରେ ସମ୍ମାନିତ କରାଯାଇଛି। ଏହାସହ ପଶ୍ଚିମବଙ୍ଗର ଝାରକନି ସବୁଜ ବାହିନୀ, ଝାରଖଣ୍ଡର ଜନ ଜାଗରଣ କେନ୍ଦ୍ର ଓ ବିହାରର ସଞ୍ଜୟ ସଜ୍ଜନ ସିଂହ ମଧ୍ୟ ଏହି ସମ୍ମାନ ହାସଲ କରିଛନ୍ତି। ସେବକର ୩୧ ବର୍ଷର ନିଷ୍ଠାପର ସେବାକୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ୧୯୯୫ ମସିହାରେ ପ୍ରତିଷ୍ଠିତ ସେବକ ଅନୁଷ୍ଠାନ ଗ୍ରାମୀଣ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶ ସହିତ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ସର୍ବଦା ପ୍ରାଥମିକତା ଦେଇଆସିଛି। ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା, ଟାଙ୍ଗରପାଲି ଓ ବାଲିଶଙ୍କରା ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ଜଳଛାୟା ବିକାଶ, ବର୍ଷାଜଳ ଅମଳ, ଜଳାଶୟ ପୁନରୁଦ୍ଧାର, ମୃତ୍ତିକା ସଂରକ୍ଷଣ ଓ ଭୂତଳ ଜଳସ୍ତର ନିରୀକ୍ଷଣ ଭଳି ବହୁମୁଖୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି। ନାବାର୍ଡର ସହଯୋଗ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ଶ୍ରମଦାନ ମାଧ୍ୟମରେ ୨,୮୧୭.୧୩ ହେକ୍ଟର ଅଞ୍ଚଳରେ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ ସମ୍ପାଦନ କରାଯାଇଛି। ଜଳ ସଂରକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୧୬ଟି ଫାର୍ମ ପୋଖରୀ, ୯ଟି ପକ୍କା ଚେକ୍ ଡ୍ୟାମ୍, ୪ଟି ପର୍କୋଲେସନ୍ ଟ୍ୟାଙ୍କ ଏବଂ ୧୭ଟି ମାଟି ବନ୍ଧ ନିର୍ମାଣ କରାଯାଇଛି। ଏହିସବୁ ପଦକ୍ଷେପ ଫଳରେ ବର୍ଷାଜଳ ସଂରକ୍ଷଣ, ଜଳଧାରଣ କ୍ଷମତା ବୃଦ୍ଧି ଓ କୃଷି ପାଇଁ ଜଳର ଉପଲବ୍ଧତାରେ ଉନ୍ନତି ଆସିଛି। ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ମୃତ୍ତିକା କ୍ଷୟ ରୋକିବା, ବର୍ଷାଜଳର ଦ୍ରୁତ ନିଷ୍କାସନକୁ ହ୍ରାସ କରିବା ଏବଂ ଭୂତଳ ଜଳର ପୁନର୍ଭରଣକୁ ପ୍ରୋତ୍ସାହିତ କରିବା ଦିଗରେ ମଧ୍ୟ ସେବକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏହି କ୍ରମରେ ୯ଟି ଗ୍ରାମରେ ୨୦୨ଟି ମୃତ୍ତିକା ଓ ଜଳ ସଂରକ୍ଷଣ ଢାଞ୍ଚା ନିର୍ମାଣ କରାଯାଇ ୩୮ ହେକ୍ଟର ଅଞ୍ଚଳର ଉନ୍ନତିକରଣ କରାଯାଇଛି। ଏହାବ୍ୟତୀତ ଜଳ ସମ୍ପଦର ବୈଜ୍ଞାନିକ ପରିଚାଳନା ଦିଗରେ ଅନୁଷ୍ଠାନ ପକ୍ଷରୁ ୫ଟି ଜିଲ୍ଲାର ୨୪ଟି ବ୍ଲକରେ ୪,୧୧୩ଟି କୂଅର ଭୂତଳ ଜଳସ୍ତର ନିରୀକ୍ଷଣ କରାଯାଉଛି। ଏହା ମାଧ୍ୟମରେ ଭୂତଳ ଜଳର ସ୍ଥିତି, ଋତୁକାଳୀନ ପରିବର୍ତ୍ତନ ଓ ଜଳ ଉପଲବ୍ଧତା ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇ ଭବିଷ୍ୟତର ଜଳ ସୁରକ୍ଷା ଯୋଜନା ପ୍ରସ୍ତୁତି ପାଇଁ ଗୁରୁତ୍ୱପୂର୍ଣ୍ଣ ଆଧାର ସୃଷ୍ଟି କରାଯାଉଛି। ସେବକର ଏହି ପ୍ରୟାସ କେବଳ ଜଳ ସଂରକ୍ଷଣ ମଧ୍ୟରେ ସୀମିତ ରହିନାହିଁ, ବରଂ ଗ୍ରାମୀଣ ଅର୍ଥନୀତି ଓ କୃଷିଭିତ୍ତିକ ଜୀବିକାରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆଣିଛି। ଜଳର ଉପଲବ୍ଧତା ବୃଦ୍ଧି ପାଇବା ଫଳରେ ଅନେକ ଚାଷୀ ପୂର୍ବରୁ ବର୍ଷକୁ ଗୋଟିଏ ଫସଲ ଉପରେ ନିର୍ଭର କରୁଥିବାବେଳେ ବର୍ତ୍ତମାନ ଦୁଇରୁ ତିନିଟି ଫସଲ ଚାଷ କରିବାର ସୁଯୋଗ ପାଇଛନ୍ତି। ବିଶେଷକରି ପ୍ରାୟ ୧୨୫ ଏକର ଜମିରେ ପନିପରିବା ଚାଷର ସମ୍ପ୍ରସାରଣ ହୋଇପାରିଛି। ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ସହ ଚାଷୀ ପରିବାରଗୁଡ଼ିକ ପାଇଁ ଅତିରିକ୍ତ ଆୟର ସୁଯୋଗ ସୃଷ୍ଟି ହୋଇଛି। ଜଳ ସଂରକ୍ଷଣକୁ କୃଷି, ପୋଷଣ ସୁରକ୍ଷା ଓ ଜୀବିକା ବିକାଶ ସହ ଯୋଡ଼ିବାରେ ଏହି ପଦକ୍ଷେପ ଏକ ସଫଳ ଉଦାହରଣ ପାଲଟିଛି। ସେବକର ଜଳ ସଂରକ୍ଷଣ କାର୍ଯ୍ୟକ୍ରମର ଅନ୍ୟତମ ବିଶେଷତ୍ୱ ହେଉଛି ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଭାଗିତା। ଗ୍ରାମବାସୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି ଏବଂ ଗ୍ରାମ ଜଳସେଚନ କମିଟିଗୁଡ଼ିକୁ ସାମିଲ କରି ଜଳ ସମ୍ପଦର ସୁରକ୍ଷା, ବ୍ୟବହାର ଓ ରକ୍ଷଣାବେକ୍ଷଣ ପାଇଁ ଏକ ସହଭାଗିତାମୂଳକ ବ୍ୟବସ୍ଥା ଗଢ଼ି ତୋଳାଯାଇଛି। ଏହି ସମନ୍ୱିତ ଉଦ୍ୟମ ଦ୍ୱାରା ପ୍ରାୟ ୧୫ ହଜାର ଲୋକ ଉପକୃତ ହୋଇଛନ୍ତି। ଜଳ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ଜୀବିକା ବିକାଶକୁ ଏକ ସୂତ୍ରରେ ବାନ୍ଧି ସେବକ ଗୋଷ୍ଠୀଭିତ୍ତିକ ଗ୍ରାମୀଣ ବିକାଶର ଏକ ଅନୁକରଣୀୟ ମଡେଲ୍ ସୃଷ୍ଟି କରିଛି। ଏହି ଗୌରବମୟ ସ୍ୱୀକୃତିକୁ ସେବକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, କର୍ମଚାରୀ, ସହଯୋଗୀ ସଂସ୍ଥା, ଗ୍ରାମସ୍ତରୀୟ ସଂଗଠନ ଏବଂ ଜଳ ସଂରକ୍ଷଣ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇଥିବା ଗ୍ରାମବାସୀଙ୍କ ସାମୂହିକ ପ୍ରୟାସକୁ ଉତ୍ସର୍ଗ କରାଯାଇଛି। ଦୀର୍ଘ ୩୧ ବର୍ଷର ନିଷ୍ଠାପର ସେବା ଓ ନିରନ୍ତର ପ୍ରୟାସର ଫଳସ୍ୱରୂପ ମିଳିଥିବା ଏହି ସମ୍ମାନ ଆଗାମୀ ଦିନରେ ଅନୁଷ୍ଠାନକୁ ଜଳ ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା, ପ୍ରାକୃତିକ ସମ୍ପଦର ସୁପରିଚାଳନା ଏବଂ ସ୍ଥାୟୀ ଗ୍ରାମୀଣ ବିକାଶ ଦିଗରେ ଆହୁରି ଅଧିକ ଉତ୍ସାହ ଓ ପ୍ରେରଣା ଯୋଗାଇବ।

ସ୍ୱେଚ୍ଛାସେବୀ ସଂଗଠନ ଆଶୀର୍ବାଦର World Toilet Day ପାଳିତ



ଢେଙ୍କାନାଳ : ଅଦ୍ୟ ତା ୧୯.୧୧.୨୦୨୬ ରିଖ ଗୁରୁବାର ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶୀର୍ବାଦ ମାଧ୍ୟମରେ ଫାଂସା ଇଣ୍ଡିଆ, ଆଇ. ଆଇ. ୟାଇ. ଡି ଭୁବନେଶ୍ୱର ସହାୟତାରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଦଇପୁର ଗ୍ରାମ ପଂଚାୟତ ଠାରେ **World Toilet Day** ପାଳିତ ହୋଇଯାଇଛି । ଏଠାରେ ଦଇପୁର ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ,

କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

ମିଆଁମାରରେ ୧୦ ହଜାର ରୋହିଙ୍ଗ୍ୟାଙ୍କ ହୋଇଥିଲା ନରସଂହାର, ICJଙ୍କ ଐତିହାସିକ ରାୟ



ମିଆଁମାର: ମିଆଁମାରରେ ରୋହିଙ୍ଗ୍ୟା ମୁସଲମାନଙ୍କ ଉପରେ ୨୦୧୭ରେ ହୋଇଥିବା ଭୟଙ୍କର ହିଂସାକୁ ନେଇ ଆସିଛି ଐତିହାସିକ ରାୟ। ଜାତିସଂଘର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା ଅନ୍ତର୍ଜାତୀୟ ନ୍ୟାୟାଳୟ (ICJ) ମିଆଁମାରକୁ ରୋହିଙ୍ଗ୍ୟା ସମ୍ପ୍ରଦାୟ ବିରୋଧରେ ନରସଂହାର ପାଇଁ ଦାୟୀ ବୋଲି ଘୋଷଣା କରିଛନ୍ତି। ୧୫ ଜଣିଆ ଖଣ୍ଡପୀଠର ୯ ଜଣ ବିଚାରପତି ଏହି ରାୟ ସପକ୍ଷରେ ମତ ଦେଇଥିବା ବେଳେ ୬ ଜଣ ଏହାର ବିପକ୍ଷରେ ମତ ଦେଇଥିଲେ। ୨୦୧୭ର ସାମରିକ ଅଭିଯାନ ସମୟରେ ପ୍ରାୟ ୧୦ ହଜାର ରୋହିଙ୍ଗ୍ୟାଙ୍କୁ ହତ୍ୟା କରାଯାଇଥିଲା।

ଓଉଖିଙ୍କ ରାୟ ଅନୁଯାୟୀ, ୨୦୧୭ରେ ମିଆଁମାରର ଉତ୍ତର ରାଖାଇନ୍ ପ୍ରଦେଶରେ ସେନାର ସାମରିକ ଅଭିଯାନ ସମୟରେ ବ୍ୟାପକ ହିଂସା ଘଟିଥିଲା। ଏହି ଅଭିଯାନରେ ସୁରକ୍ଷା ବାହିନୀ ହଜାର ହଜାର ରୋହିଙ୍ଗ୍ୟା ନାଗରିକଙ୍କୁ ହତ୍ୟା କରିଥିଲେ। ମହିଳାଙ୍କ ସହ ଗଣଦୁଷ୍କର୍ମ ଓ ଅନ୍ୟାନ୍ୟ ଯୌନ ହିଂସା ହୋଇଥିବା ବେଳେ ଛୋଟ ପିଲାମାନେ ମଧ୍ୟ ଅତ୍ୟାଚାରରୁ ବର୍ତ୍ତି ନଥିଲେ। କେବଳ ସେତିକି ନୁହେଁ, ହିଂସାରୁ ବଞ୍ଚିବା ପାଇଁ ଗାଁ ଛାଡ଼ି ପଳାଉଥିବା ରୋହିଙ୍ଗ୍ୟାଙ୍କ ଉପରେ ମଧ୍ୟ ଗୁଳିମାଡ଼ ଓ ଆକ୍ରମଣ ହୋଇଥିଲା। ଅନେକ ଗାଁ ଓ ଘରକୁ ଜାଣିଶୁଣି ଧ୍ୱଂସ କରାଯାଇଥିବା କଥା ମଧ୍ୟ ଅଦାଲତ ଉଲ୍ଲେଖ କରିଛନ୍ତି। ୨୦୧୭ ଅଗଷ୍ଟରେ ରୋହିଙ୍ଗ୍ୟା ବିଦ୍ରୋହୀ ଗୋଷ୍ଠୀର ଆକ୍ରମଣ ପରେ ମିଆଁମାର ସେନା ଏହି ସାମରିକ ଅଭିଯାନ ଆରମ୍ଭ କରିଥିଲା। ସେନା ଏହାକୁ ଆତଙ୍କବାଦ ବିରୋଧୀ ଅଭିଯାନ ବୋଲି କହିଥିଲେ ମଧ୍ୟ ଏହା ପରେ ରୋହିଙ୍ଗ୍ୟା ସମ୍ପ୍ରଦାୟ ଉପରେ ବ୍ୟାପକ ଅତ୍ୟାଚାର ହୋଇଥିବା ଅଭିଯୋଗ ଆସିଥିଲା। ଏହି ହିଂସା ଯୋଗୁଁ ୭ ଲକ୍ଷରୁ ଅଧିକ ରୋହିଙ୍ଗ୍ୟା ନିଜ ଘରଦ୍ୱାର ଛାଡ଼ି ପଡ଼ୋଶୀ ଦେଶ ବାଂଲାଦେଶକୁ ପଳାଇଥିଲେ। ଆଜି ମଧ୍ୟ ଲକ୍ଷ ଲକ୍ଷ ରୋହିଙ୍ଗ୍ୟା ଶରଣାର୍ଥୀ ନିଜ ଦେଶଠାରୁ ଦୂରରେ ରହିବାକୁ ବାଧ ହେଉଛନ୍ତି। ରୋହିଙ୍ଗ୍ୟାଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ନେଇ ଆଫ୍ରିକୀୟ ଦେଶ ଗାମ୍ବିଆ ୨୦୧୯ରେ ମିଆଁମାର ବିରୋଧରେ ICJରେ ମାମଲା ଦାଏର କରିଥିଲା। ଗାମ୍ବିଆର ଅଭିଯୋଗ ଥିଲା ଯେ, ମିଆଁମାର ୧୯୪୮ର ନରସଂହାର ରୋକିବା ଓ ଦଣ୍ଡିତ କରିବା ସମ୍ମିଳନୀର ନିୟମ ଉଲ୍ଲଂଘନ କରିଛି। ଏହି ମାମଲାରେ ଗାମ୍ବିଆ ରୋହିଙ୍ଗ୍ୟାଙ୍କ ସୁରକ୍ଷା, ନ୍ୟାୟ ଏବଂ ଅତ୍ୟାଚାର ପାଇଁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ମିଆଁମାର ନିଜ ଉପରେ ଲାଗିଥିବା ନରସଂହାର ଅଭିଯୋଗକୁ ଖାରଜ କରିଥିଲା। ସେନାର ଅଭିଯାନକୁ ଆତଙ୍କବାଦୀଙ୍କ ବିରୋଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ବୋଲି ଦର୍ଶାଇଥିଲା। କିନ୍ତୁ ICJ ଉପଲବ୍ଧ ପ୍ରମାଣ ଓ ଘଟଣାକ୍ରମକୁ ବିଚାର କରି ମ୍ୟାଁମାରକୁ ନରସଂହାର ପାଇଁ ଦାୟୀ କରିଛନ୍ତି। ଏହି ରାୟ ରୋହିଙ୍ଗ୍ୟା ସମ୍ପ୍ରଦାୟ ପାଇଁ ଦୀର୍ଘ ବର୍ଷର ନ୍ୟାୟ ଲଢ଼େଇରେ ଏକ ବଡ଼ ମୋଡ଼। ତେବେ ପୀଡ଼ିତଙ୍କୁ କ୍ଷତିପୂରଣ ଓ ଅନ୍ୟାନ୍ୟ ପ୍ରତିକାରର ପରିମାଣ ପରବର୍ତ୍ତୀ ପ୍ରକ୍ରିୟାରେ ନିର୍ଦ୍ଧାରଣ ହେବ।

ବାଂଲାଦେଶରେ ଯାତ୍ରୀବାହୀ ବସ୍ ଏବଂ ଟ୍ରକ୍ ରେ ନିଆଁ ଲଗାଇଲେ ଦୁର୍ବୃତ

ଢାକା (ବାଂଲାଦେଶ), ୧୯ / ୧୧: ଗୁରୁବାର ସକାଳେ ନାରାୟଣଗଞ୍ଜର ଦୁଇଟି ସ୍ଥାନରେ ଦୁର୍ବୃତମାନେ ଏକ ଯାତ୍ରୀବାହୀ ବସ୍ ଏବଂ ଏକ ମାଲ୍ ବୋଝେଇ ଟ୍ରକ୍ ରେ ନିଆଁ ଲଗାଇ ଦେଇଛନ୍ତି। ତେବେ ଏଥିରେ କେହି ଆହତ ହୋଇନଥିବା ସୂଚନା ମିଳିଛି। ଢାକା-ଚଟଗାଁଓ ରାଜପଥରେ ଥିବା କାଂଚପୁର ସେତୁ ନିକଟରେ ଏବଂ ଏସୀୟ ରାଜପଥରେ ଥିବା ମିରରଟେକ ବଜାର ନିକଟରେ ଏହି ଘଟଣା ଘଟିଛି। ଢାକା ଟ୍ରିବ୍ୟୁନ୍ ର ଏକ ରିପୋର୍ଟରେ ପୋଲିସ ଏବଂ ସ୍ଥାନୀୟ ସୂତ୍ରକୁ ଉଦ୍ଧୃତ କରି କୁହାଯାଇଛି ଯେ, ସକାଳ ପ୍ରାୟ ୯ଟା ୩୦ ମିନିଟରେ କାଂଚପୁର ସେତୁ ନିକଟରେ ଢାକା ଯାଉଥିବା ରାସ୍ତାରେ ତିଶା ପରିବାହନର ଏକ ଯାତ୍ରୀବାହୀ ବସ୍ ରେ ନିଆଁ ଲଗାଇ ଦିଆଯାଇଥିଲା। ନିଆଁ ଲାଗିବା ମାତ୍ରେ ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ବସ୍ ରୁ ବାହାରି ଆସିଥିଲେ, କିନ୍ତୁ ବସ୍ ଟି ସମ୍ପୂର୍ଣ ଜଳି ଯାଇଥିଲା। କାଂଚପୁର ହାଇୱେ ପୋଲିସ ଷ୍ଟେସନର ଅଫିସର-ଇନ୍-ଚାର୍ଜ ଜୁଏ୍ୱଲ ମିୟା କହିଛନ୍ତି ଯେ, ଏକ ରିକଭରି ଯାନ ସାହାଯ୍ୟରେ ଜଳିଯାଇଥିବା ବସ୍ କୁ ଘଟଣାସ୍ଥଳରୁ ହଟାଇ ଦିଆଯାଇଛି। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି ବୋଲି ସେ କହିଛନ୍ତି। ଅନ୍ୟ ଏକ ଘଟଣାରେ, ମିରରଟେକ ବଜାର ନିକଟରେ ଠିଆ ହୋଇଥିବା ଏକ ଭୁସା(ଗହମ ଗଛର ଅଂଶବିଶେଷ)ବୋଝେଇ ଟ୍ରକ୍ ରେ ଗୁରୁବାର ସକାଳେ ନିଆଁ ଲଗାଇ ଦିଆଯାଇଥିଲା। ସୂଚନା ମିଳିଛି ଯେ, ଦିନାଜପୁରରୁ ଭୁସା ନେଇ ଯାଉଥିବା ଟ୍ରକଟି ଭୋର ପ୍ରାୟ ୩ଟା ୩୦ ମିନିଟରେ ମିରରଟେକ ବଜାର ଜାମା ମସଜିଦ ସମ୍ମୁଖରେ ଅଟକିଥିଲା। ଡ୍ରାଇଭର ଏବଂ ହେଲ୍ପର ଟ୍ରକକୁ ରାସ୍ତା କଡ଼ରେ ପାର୍କିଂ କରିଥିଲେ ଏବଂ ଜିନିଷପତ୍ର ଓହ୍ଲାଇବାକୁ ଅପେକ୍ଷା କରି ଭିତରେ ଶୋଇଥିଲେ। ସକାଳ ପ୍ରାୟ ୫ଟା ୩୦ ମିନିଟ ବେଳକୁ ସେହି ବାଟ ଦେଇ ଯାଉଥିବା ଜଣେ ମହିଳା ନିଆଁ ଦେଖି ଡ୍ରାଇଭରକୁ ଉଠେଇ ଦେଇଥିଲେ। ଡ୍ରାଇଭର ଜଳୁଥିବା ଭୁସାକୁ ରାସ୍ତା କଡ଼ରେ ଥିବା ପାଣିରେ ଫିଙ୍ଗି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ ବାହିନୀର ଟିମ୍ ସେଠାରେ ପହଂଚିସକାଳ ପ୍ରାୟ ୭ଟା ୩୦ ମିନିଟ୍ ରେ ନିଆଁକୁ ନିୟନ୍ତ୍ରଣକୁ ଆଣିଥିଲେ। ସେତେବେଳକୁ ଟ୍ରକରେ ଥିବା ସମସ୍ତ ଭୁସା ପୋଡ଼ି ପାଉଁଶ ହୋଇଯାଇଥିଲା। ତାଲତଲା ପୋଲିସ୍ ଆଉଟପୋଷ୍ଟ ଦାୟିତ୍ୱରେ ଥିବା ଜସିମୁଦ୍ଦିନ୍ କହିଛନ୍ତି ଯେ, ଟ୍ରକରେ ଥିବା ଲଗେଜ୍ ନିଆଁରେ ଜଳି ଯାଇଥିଲା କିନ୍ତୁ ଡ୍ରାଇଭର ଏବଂ ସହାୟକ ଅକ୍ଷତ ଅବସ୍ଥାରେ ରକ୍ଷା ପାଇଯାଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ନ୍ୟାୟ ଦିଆଯିବ ବୋଲି ସେ କହିଛନ୍ତି।

ଉଜ୍ଜୟିନୀ: ରାଜା ବେଶରେ ସଜ୍ଜିତ ବାବା ମହାକାଳ, ଭସ୍ମ ଆରତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ଉଜ୍ଜୟିନୀ, ୧୯/୧୧: ମଧ୍ୟପ୍ରଦେଶର ଉଜ୍ଜୟିନୀସ୍ଥିତ ବିଶ୍ୱପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିରରେ ଗୁରୁବାର ଭୋର ସମୟରେ ଭସ୍ମ ଆରତି ଅବସରରେ ବାବା ମହାକାଳଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳ ୪ଟାରେ ମନ୍ଦିରର ଦ୍ୱାର ଖୋଲିବା ପରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ଓ ଅଭିଷେକ ଆରମ୍ଭ ହୋଇଥିଲା। ଭଗବାନ ମହାକାଳଙ୍କ ଜଳାଭିଷେକ ପରେ କ୍ଷୀର, ଦହି, ଘିଅ, ଚିନି, ମହୁ ଓ ବିଭିନ୍ନ ଫଳରସରେ ପ୍ରସ୍ତୁତ ପଞ୍ଚାମୃତରେ ଅଭିଷେକ କରାଯାଇଥିଲା। ଏହାପରେ ପ୍ରଥମ ଘଣ୍ଟାଳ ବଜାଇ ଭଗବାନଙ୍କୁ ହରିଓମ୍ ଜଳ ଅର୍ପଣ କରାଯାଇଥିଲା।

କର୍ପୂର ଆରତି ପରେ ଭଗବାନ ମହାକାଳଙ୍କ ମସ୍ତକରେ ଚନ୍ଦନ ଓ ଭାଙ୍ଗ ଅର୍ପଣ କରାଯାଇଥିଲା। ମନ୍ତ୍ରୋଚ୍ଚାରଣ ମଧ୍ୟରେ ଜ୍ୟୋତିର୍ଲିଙ୍ଗଙ୍କର ସ୍ୱତନ୍ତ୍ର ପୂଜା କରାଯାଇଥିଲା। ଏହାପରେ ଜ୍ୟୋତିର୍ଲିଙ୍ଗଙ୍କୁ ବସ୍ତ୍ରରେ ଆଚ୍ଛାଦିତ କରାଯାଇ ମହାନିର୍ବାଣୀ ଆଖଡ଼ା ପକ୍ଷରୁ ପରମ୍ପରା ଅନୁଯାୟୀ ଭସ୍ମ ଅର୍ପଣ କରାଯାଇଥିଲା। ଭସ୍ମ ଆରତି ପରେ ଭଗବାନଙ୍କୁ ମନମୋହକ ରାଜା ସ୍ୱରୂପରେ ସଜ୍ଜିତ କରାଯାଇଥିଲା। ଏହି ଅବସରରେ ବାବା ମହାକାଳଙ୍କୁ ଶେଷନାଗଙ୍କ ରୌପ୍ୟ ମୁକୁଟ, ରୌପ୍ୟ ମୁଣ୍ଡମାଳ, ରୁଦ୍ରାକ୍ଷ ମାଳା ସମେତ ବିଭିନ୍ନ ଅଳଙ୍କାର ପିନ୍ଧାଯାଇଥିଲା। ଚନ୍ଦନ, ଭାଙ୍ଗ ଓ ସୁଗନ୍ଧିତ ଗୋଲାପ ସମେତ ବିଭିନ୍ନ ଫୁଲମାଳରେ ଭଗବାନଙ୍କୁ ସୁସଜ୍ଜିତ କରାଯାଇଥିଲା। ଶୃଙ୍ଗାର ପରେ ଫଳ ଓ ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥିଲା।

ଭସ୍ମ ଆରତିରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ବାବା ମହାକାଳଙ୍କ ଦର୍ଶନ କରି ଜୟଧ୍ୱନି ଦେଉଥିବା ଦେଖିବାକୁ ମିଳିଥିଲା। ବାବା ମହାକାଳଙ୍କ ଜୟଘୋଷରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା। ଶ୍ରଦ୍ଧାଳୁମାନେ ନନ୍ଦୀ ମହାରାଜଙ୍କ ଦର୍ଶନ କରିବା ସହ ତାଙ୍କ କାନରେ ନିଜ ମନୋକାମନା ଜଣାଇଥିଲେ। ମାନ୍ୟତା ରହିଛି ଯେ, ଭସ୍ମ ଅର୍ପଣ ପରେ ଭଗବାନ ମହାକାଳ ନିରାକାରରୁ ସାକାର ରୂପ ଧାରଣ କରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି।

ପାକିସ୍ତାନର ବଲୁଚିସ୍ତାନରେ ବସ୍ - LPG ଗ୍ୟାସ୍ ଟ୍ୟାଙ୍କର ମଧ୍ୟରେ ଭୟଙ୍କର ଧକ୍କା, ଜିଅନ୍ତା ଜଳିଗଲେ ୧୦ ଲୋକ, ୨୭ ଆହତ



ବଲୁଚିସ୍ତାନ : ପାକିସ୍ତାନର ବଲୁଚିସ୍ତାନ ରାଜ୍ୟରେ ଥିବା ମକ୍ରାନ କୋଷ୍ଟାଲ୍ ହାଇୱେରେ ଭୟଙ୍କର ଦୁର୍ଘଟଣା । ଏକ ଯାତ୍ରୀବାହୀ ବସ୍ ଓ ଖଚଏ ଗ୍ୟାସ୍ ଟ୍ୟାଙ୍କର ମଧ୍ୟରେ ଜୋରଦାର ଧକ୍କା, ଯେଉଁଥିରେ ୧୦ ଜଣ ଲୋକଙ୍କର ମୃତ୍ୟୁ ହୋଇ ଥିବା ବେଳେ ୨୭ ଜଣ ଆହତ ହୋଇଛନ୍ତି । ସୂଚନା ଅନୁସାରେ, ଧକ୍କା ହେବାର ତୁରନ୍ତ ପରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇ ଥିଲା, ଫଳରେ ଅନେକ ଯାତ୍ରୀ ବସ୍ ଭିତରେ ହିଁ ଫସି ରହି ଥିଲେ। 'ଡନ୍'ର ରିପୋର୍ଟ ଅନୁଯାୟୀ, ଏହି ଦୁର୍ଘଟଣା ଗୁରୁବାର ସକାଳ ପ୍ରାୟ ୧୦ଟା ୩୦ ମିନିଟରେ, ଗ୍ୱାଦର ଜିଲ୍ଲାର ଓରମାରା ଅ ଳରେ ଥିବା ବସୋଲ୍ ନିକଟସ୍ଥ, କୋଷ୍ଟାଲ୍ ହାଇୱେ ପୁଲିସ ଚେକପଏ ପାଖରେ ଘଟିଛି। ତୁର୍ବତରୁ କରାଚୀ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ସହିତ ବିପରୀତ ଦିଗରୁ ଆସୁଥିବା ଏକ ଖଚଏ ଗ୍ୟାସ୍ ଟ୍ୟାଙ୍କରର ଧକ୍କା ହୋଇ ଥିଲା, ଯାହା କରାଚୀରୁ ଗ୍ୱାଦର ନିକଟସ୍ଥ ଇରାନ-ଗାବଦ ସୀମା ଆଡ଼କୁ ଯାଉ ଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଉଭୟ ଗାଡ଼ିରେ ସଙ୍ଗେ ସଙ୍ଗେ ନିଆଁ ଲାଗି ଯାଇ ଥିଲା । ବସରେ ମହିଳା ଓ ଶିଶୁଙ୍କ ସମେତ ୪୦ରୁ ଅଧିକ ଯାତ୍ରୀ ଥିଲେ, ଯେଉଁମାନଙ୍କ ମଧ୍ୟରୁ ଅନେକ ନିଆଁ ଭିତରେ ଫସି ରହି ଥିଲେ । ଓରମାରାର ଉଚ୍ଚ ନବି ବକ୍ସ ରୁଞ୍ଜାଙ୍କ ଅନୁଯାୟୀ, ସମସ୍ତ ୧୦ ଜଣ ପାଡ଼ିତଙ୍କ ମୃତ୍ୟୁ ଅତି ସାଂଘାତିକ ଭାବେ ପୋଡ଼ି ହୋଇ ଯିବା ଯୋଗୁଁ ହୋଇଛି ଏବଂ ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ସାମିଲ ଅଛନ୍ତି। ଯାତ୍ରୀବାହୀ ବସରୁ ୮ଟି ମୃତଦେହ ଓ ଗ୍ୟାସ୍ ଟ୍ୟାଙ୍କରରୁ ୨ଟି ମୃତଦେହ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ, ପାକିସ୍ତାନ ସେନା, ପୁଲିସ ଏବଂ ଅଗ୍ନିଶମ ବାହିନୀର ଟିମ୍ ନିଆଁ ଲିଭାଇବା ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ମିଳିତ ଅଭିଯାନ ଚଳାଇ ଥିଲେ । ଏହି ଦୁର୍ଘଟଣା ଯୋଗୁଁ ହାଇୱେରେ ଅନେକ ସମୟ ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇ ଥିଲା ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଗୁଡ଼ିକର ଲମ୍ବା ଧାଡ଼ି ଲାଗି ରହି ଥିଲା । ଉଲ୍ଲେଖନୀୟ ଯେ, ଅଗଷ୍ଟ ମାସରେ ଘଟିଥିବା ଏଭଳି ଏକ ଘଟଣାରେ, ଗ୍ୱାଦର ଜିଲ୍ଲାର ଓରମାରା ଅଞ୍ଚଳରେ କୋଷ୍ଟାଲ୍ ହାଇୱେ ଉପରେ ଏକ ଦ୍ରୁତଗାମୀ ଗ୍ୟାସ୍ ଟ୍ୟାଙ୍କର ଏକ କାରକୁ ସାମ୍ନାରୁ ଧକ୍କା ଦେଇଥିଲା, ଫଳରେ କାରଟି ଓଲଟି ପଡ଼ି ଥିଲା। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୬ ଜଣ ପୋଡ଼ି ହୋଇ ଜୀବନ ହରାଇ ଥିଲେ । ମାର୍ଚ୍ଚ ମାସରେ କୋଷ୍ଟାଲ୍ ହାଇୱେ ଉପରେ ଦୁଇଟି ଗାଡ଼ିର ମୁହାଁମୁହିଁ ଧକ୍କାରେ ଜଣେ ଶିଶୁ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଆହତ ହୋଇଥିଲେ । ସେହିପରି ଜାନୁଆରୀ ମାସରେ ଓରମାରା ନିକଟ କୋଷ୍ଟାଲ୍ ହାଇୱେରେ ଏକ ଯାତ୍ରୀବାହୀ ଗାଡ଼ି ଓଲଟି ପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ହୋଇ ଥିଲା ଏବଂ ୩୦ରୁ ଅଧିକ ଲୋକ ଆହତ ହୋଇ ଥିଲେ ।

ଏସ୍କାଲେଟର ଉପରକୁ ଚଢିବାକୁ ଡରୁଥିଲେ ଜିନପିଙ୍ଗ୍, ହାତ ଧରି ନେଇଗଲେ ଡୋନାଲ୍ଡ ଟ୍ରମ୍ପ, ଭିଡିଓ ସେୟାର କଲା ହ୍ୱାଇଟ୍ ହାଉସ୍



ନୂଆଦିଲ୍ଲୀ: ଚୀନର ଶେଞ୍ଜେନରେ ବିଶ୍ୱର ତିନି ମହାଶକ୍ତିଙ୍କ ବୈଠକକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ, ଏକ ଫୁଟେଜ୍ ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଇଚରଉ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଏସ୍କାଲେଟର ଉପରକୁ ଚଢ଼ିବାରେ ସାହାଯ୍ୟ କରୁଥିବାର ଦେଖାଯାଇଛି । ହ୍ୱାଇଟ୍ ହାଉସ୍ ଏହି ଭିଡିଓଟି ସେୟାର କରିଛି । ଭିଡିଓଟିରେ ଦେଖାଯାଇଛି ଯେ ଆମେରିକା ରାଷ୍ଟ୍ରପତି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଏସ୍କାଲେଟର ଆଡ଼କୁ ଯିବାରେ ସାହାଯ୍ୟ କରୁଛନ୍ତି । ହ୍ୱାଇଟ୍ ହାଉସ୍ ଦ୍ୱାରା ପ୍ରକାଶିତ ଏହି ଭିଡିଓ ପୋଷ୍ଟର କ୍ୟାପସନରେ ଲେଖାଯାଇଛି, 'ଯଦି ଆପଣ ଏହାକୁ ଦେଖିନାହାଁନ୍ତି, ତେବେ ରାଷ୍ଟ୍ରପତି ଟ୍ରମ୍ପ ଇଚରଉ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି ଜିଙ୍କୁ ଏସ୍କେଲେଟର ଉପରକୁ ଉଠାଇବାରେ ସାହାଯ୍ୟ କରିଥିଲେ।' ଏହି ଘଟଣା ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ, ସି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଶିଖର ସମ୍ମିଳନୀରେ ଉଚ୍ଚସ୍ତରୀୟ ବୈଠକ ଚାଲିଛି । ଏହି ବୈଠକର ଏଜେଣ୍ଡାରେ ପରମାଣୁ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ, ୟୁକ୍ରେନ ଏବଂ ଇରାନରେ ଚାଲିଥିବା ଯୁଦ୍ଧ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ-ସମ୍ବନ୍ଧୀୟ ପ୍ରସଙ୍ଗ ଅନ୍ତର୍ଭୁକ୍ତ । ଏହି ତ୍ରିପାକ୍ଷିକ ଆଲୋଚନା ପୂର୍ବରୁ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସି ଏବଂ ପୁଟିନଙ୍କ ସହ ପୃଥକ ବୈଠକ କରିଥିଲେ । ସିଙ୍କ ସହ ସାକ୍ଷାତ ସମୟରେ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ସେ ଅଧିକ ଆମେରିକୀୟ କୃଷି ଉତ୍ପାଦ କ୍ରୟ କରିବାକୁ ଚୀନକୁ ଅନୁରୋଧ କରିବେ । ଟ୍ରମ୍ପ କହିଥିଲେ, 'ମୁଁ ଆପଣଙ୍କୁ ଆମର ଚାଷୀଙ୍କ ପାଇଁ ଆହୁରି କିଛି କରିବାକୁ କହିବି ।'ଏହି ସମୟରେ, ଚୀନ୍ ରାଷ୍ଟ୍ରପତି ଆମେରିକା ସହିତ ସମ୍ପର୍କକୁ ସ୍ଥିର ବୋଲି ବର୍ଣ୍ଣନା କରିଥିଲେ । ସି କହିଛନ୍ତି, 'ଆପଣ ଯେଉଁ ପ୍ରୟାସ କରିଛନ୍ତି ତାହା ସମସ୍ତଙ୍କ ପାଇଁ ଦୃଶ୍ୟମାନ ଏବଂ ଇତିହାସରେ ଲିପିବଦ୍ଧ ହେବ ।' ଏହି ସମୟରେ, ଟ୍ରମ୍ପ୍ ପୁଟିନଙ୍କ ସହ ସାକ୍ଷାତ କରିଥିଲେ । ସେ ରୁଷ ରାଷ୍ଟ୍ରପତିଙ୍କୁ ତାଙ୍କର ବନ୍ଧୁ ବୋଲି କହିଥିଲେ ଏବଂ କହିଥିଲେ ଯେ ଏଥର ଏଥିରୁ ବହୁତ ଭଲ ଜିନିଷ ବାହାରିପାରେ, କିମ୍ବା ଅତି କମରେ, ଏହା ଆରମ୍ଭ ହୋଇପାରେ। ଏହି ବୈଠକ ୟୁକ୍ରେନ୍ ଏବଂ ଇରାନ ଯୁଦ୍ଧ, ପରମାଣୁ ଅସ୍ତ୍ରଶସ୍ତ୍ର, ବାଣିଜ୍ୟ ଏବଂ କୃତ୍ରିମ ଶକ୍ତି ଉପରେ ଉତ୍ତେଜନା ମଧ୍ୟରେ ଆସିଛି । ବିଶେଷଜ୍ଞ ମାନେ କୁହନ୍ତି ଯେ, ଏହି ସୁପରପାୱାର ମେଣ୍ଟରୁ ଆଶାକୁ ପଛରେ ରଖିବା ଭଲ ।

ବାଂଲାଦେଶରେ ପୂର୍ବତନ ମନ୍ତ୍ରୀ ଦୀପୁ ମୋନି ଓ ଆୱାମୀ ଲିଗ୍ ନେତା ନନ୍ଦୀଙ୍କ ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଢାକା (ବାଂଲାଦେଶ), ୧୯ / ୧୧: ବାଂଲାଦେଶର ଚଟ୍ଟୋଗ୍ରାମ ଡିଭିଜନ ଅନ୍ତର୍ଗତ ଚାନ୍ଦପୁରରେ ବୁଧବାର ରାତିରେ କିଛି ଅଜଣା ଦୁର୍ବୃତ୍ତ ପୂର୍ବତନ ଶିକ୍ଷାମନ୍ତ୍ରୀ ଡା. ଦୀପୁ ମୋନି ଏବଂ ଆୱାମୀ ଲିଗ୍ର ସାଂଗଠନିକ ସମ୍ପାଦକ ସୁଜିତ ରାୟ ନନ୍ଦୀଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ମାତ୍ର ଅଧଘଣ୍ଟା ମଧ୍ୟରେ ଘଟିଥିବା ଏହି ଘଟଣାରେ ଆୱାମୀ ଲିଗ୍ର ଦୁଇଜଣ ବରିଷ୍ଠ ନେତାଙ୍କ ସମ୍ପତ୍ତିକୁ ଟାର୍ଗେଟ କରାଯାଇଛି। 'ଢାକା ଟ୍ରିବ୍ୟୁନ୍'ର ରିପୋର୍ଟ ଅନୁଯାୟୀ, ରାତି ପ୍ରାୟ ୯ଟାରେ ଆକ୍ରମଣକାରୀମାନେ ସହରର ନତୁନ ବଜାର ଅଞ୍ଚଳସ୍ଥିତ କଦମତଲା ମାର୍କେଟରେ ଥିବା ଦୀପୁ ମୋନିଙ୍କ ଖାଲି ପଡ଼ିଥିବା ତୃତୀୟ ମହଲାର ଘରେ ପଶି ନିଆଁ ଲଗାଇ ଦେଇଥିଲେ। କୋଠାରେ ରହୁଥିବା ଲୋକ ଏବଂ ପଡ଼ୋଶୀମାନେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ପଞ୍ଚମ ମହଲାରେ ରହୁଥିବା ଓକିଲ ଗାଜି ଦଲାଲ କହିଛନ୍ତି ଯେ ନିଆଁ ଲାଗିବା ଘଟଣା ପରେ କୋଠାରେ ରହୁଥିବା ଲୋକଙ୍କ